# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 March - 2026

********************************

## ମୁଖ୍ୟ ସମ୍ବାଦ

- ଦେଶରେ ନିର୍ବାଚିତ ସରକାରଙ୍କ ମୁଖ୍ୟ ଭାବେ ୨୫ ବର୍ଷ ପୂରଣ କରି କୀର୍ତ୍ତିମାନ ସ୍ଥାପନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଜଳ ସଂରକ୍ଷଣ ଏବଂ ପରିଚାଳନା ନେଇ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି 'ବିଶ୍ୱ ଜଳ ଦିବସ'

— ଜଳସମ୍ପଦ ବିଭାଗର ୧୨୪ଟି ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ଆସନ୍ତା ୨ ତାରିଖରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ହେବ ପ୍ରବେଶ ଉତ୍ସବ ଓ ଖଡିଛୁଆଁ

ଏବଂ

- ଚୈତ୍ର ଶୁକ୍ଳ ଚତୁର୍ଥୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଠାକୁରଙ୍କର ଅନୁଷ୍ଠିତ ହେବ ବାଡି ନୃସିଂହ ବିଜେ ନୀତି

## ପିଏମ୍ ମୋଦୀ–ହେଡ୍ ଅଫ୍ ଗଭ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ନିର୍ବାଚିତ ସରକାରଙ୍କ ସର୍ବାଧିକ ସମୟ ମୁଖ୍ୟ ଭାବରେ ରହି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଶ୍ରୀ ମୋଦୀ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଏବଂ ଦେଶର ପ୍ରଧାନମନ୍ତ୍ରୀ ଭାବରେ ୨୪ବର୍ଷ କାର୍ଯ୍ୟକାଳ ପୂରଣ କରିବା ସହ ମୋଟ୍ ୮ହଜାର ୯୩୧ଦିନ ଶାସନ ଦାୟିତ୍ୱ ନିର୍ବାହ କରିଛନ୍ତି । ଏହି ଲମ୍ବା ରାଜନୈତିକ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ମୋଦୀ ବିଭିନ୍ନ କ୍ଷେତ୍ରରେ ନିଜର ଅନନ୍ୟ କାର୍ଯ୍ୟଦକ୍ଷତା ପ୍ରତିପାଦନ କରିବା ସହ ରେକର୍ଡ ସୃଷ୍ଟି କରିଛନ୍ତି । ୨୦୦୧ ମସିହା ଅକ୍ଟୋବର ୭ ତାରିଖରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବରେ ପ୍ରଥମେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୪ ମେ’ ୨୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୩ବର୍ଷ ଗୁଜୁରାଟର ମୁଖ୍ୟମନ୍ତ୍ରୀ  ରହିଥିଲେ । ଶ୍ରୀ ମୋଦୀ ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ, ଯିଏକି ସ୍ୱାଧୀନୋତ୍ତର ଭାରତରେ ଜନ୍ମଗ୍ରହଣ କରଥିଲେ। କ୍ରମାନ୍ୱୟରେ ୨୦୧୪, ୨୦୧୯ ଏବଂ ୨୦୨୪ରେ ୩ଥର ଲୋକସଭା ନିର୍ବାଚନ ଜିତିବା ସହିତ ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ବିଶ୍ୱ ଜଳଦିବସ

ଜଳର ମହତ୍ତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା, ଦୁରୂପଯୋଗ ରୋକିବା, ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ସ୍ୱଚ୍ଛ ପାନୀୟ ଜଳ ପହଁଞ୍ଚାଇବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଜଳଦିବସ  ପାଳନ କରାଯାଉଛି। ଚଳିତବର୍ଷ ଏହି

ଦିବସର ବିଷୟବସ୍ତୁ ରହିଛି **'ଜଳ ଓ ଲିଙ୍ଗଗତ ସମାନତା'** । **'ଜଳପ୍ରବାହ ସହ ସମାନତାରେ ଉନ୍ନତି'** ଶୀର୍ଷକ ସ୍ଲୋଗାନ ସହ ଚଳିତବର୍ଷର ଏହି ଦିବସ ପାଳିତ ହେଉଛି । ୨୦୩୦ ମସିହା ସୁଦ୍ଧା ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱଚ୍ଛ ଜଳଯୋଗାଣ ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ୧୯୯୩ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି। ଜଳ ଉତ୍ସ ସୀମିତ ହୋଇଥିବାବେଳେ ଏହାର ଉପଯୁକ୍ତ ସଂରକ୍ଷଣ କରାନଗଲେ ଆଗାମୀ ପିଢ଼ି ଜଳସଂକଟରେ ପଡ଼ିବାର ଆଶଙ୍କା ରହିଛି। ବିଶ୍ୱର ପ୍ରାୟ ୨୨୦ କୋଟି ଜନସାଧାରଣଙ୍କ ସ୍ୱଚ୍ଛ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ବୃଦ୍ଧି, ମାତ୍ରାଧିକ ପ୍ରଦୂଷଣ, ଶିଳ୍ପାୟନ ବୃଦ୍ଧି ଯୋଗୁଁ ଜଳସଂକଟ ଉତ୍କଟ ରୂପ ଧାରଣ କରୁଛି। ଏଣୁ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସମସ୍ତେ ଯତ୍ନବାନ୍ ହେବା ପାଇଁ ଏହି ଦିବସ ପାଳନ କରାଯାଉଛି।

ଏହି ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଳ ସଂରକ୍ଷଣ ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ନେଇ ଦେଶର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ଜୀବନକୁ ବଜାୟ ରଖିବାରେ ଏବଂ ବିଶ୍ୱର ଭବିଷ୍ୟତକୁ ଆକାର ଦେବାରେ ଜଳର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ଜଳ ସଂରକ୍ଷଣ ଏବଂ ଏହାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ନେଇ ଶ୍ରୀ ମୋଦୀ ଦେଶବାସୀଙ୍କୁ

ଆହ୍ୱାନ ଦେଇଛନ୍ତି । ଜଳ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସଭ୍ୟତାର ଜୀବନରେଖା ହେଉଛି ଜଳ । ଭବିଷ୍ୟତ ପିଢ଼ିଙ୍କ ପାଇଁ ଜଳ ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ଜଳ ଦିବସ ସମାରୋହ-୨୦୨୬ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜଳସମ୍ପଦ ବିଭାଗର ୧୨୪ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୧୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଗାଁରୁ ସହର ଯାଏ ଜଳସଙ୍କଟକୁ ଦୂର କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ଗୁରୁ ଦାୟିତ୍ୱ ରହିଛି।

ସମାଜର ଶେଷ ପାହାଚରେ ଥିବା ବ୍ୟକ୍ତିଙ୍କ ପାଖରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ସରକାରଙ୍କ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜଳସଂରକ୍ଷଣ କ୍ଷେତ୍ରରେ ଲୋକମାନଙ୍କୁ ଅଧିକରୁ ଅଧିକ ପ୍ରଶିକ୍ଷିତ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**- V/O - (CM)**

ଚାଷୀଙ୍କ ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଆଜି କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଚାଟବଟ୍ 'ବିନ୍ଦୁ'ର ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ  କନକବର୍ଦ୍ଧନ ସିଂହଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଜଳସମ୍ପଦ ବିଭାଗ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

ଆଗାମୀ ଦିନରେ ଜଳସଙ୍କଟକୁ ଦୂର କରିବା ଏବଂ ଏହାର ଏହାର ସଂରକ୍ଷଣ ଦିଗରେ ସମସ୍ତଙ୍କୁ ସଚେତନ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ **ଡକ୍ଟର ମୁକେଶ ମହାଲିଙ୍ଗ** ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଜଳ ହିଁ ଜୀବନ, ଜଳ ହିଁ ବର୍ତ୍ତମାନ, ଜଳ ହିଁ ଭବିଷ୍ୟତ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

## ଶିଶୁବାଟିକା

ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀମାନେ ଏପ୍ରିଲ ଦୁଇ ତାରିଖରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁରେ ଯୋଗଦେବାକୁ ସମସ୍ତ ପିତାମାତା ଓ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଥିବା ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ୍‌ର ପଖନାଗୁଡ଼ା ଗସ୍ତକରି ମନ୍ତ୍ରୀ ଶ୍ରୀ ଗଣ୍ଡ ଛାତ୍ରଛାତ୍ରୀ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କର ଆଗ୍ରହ ସୃଷ୍ଟି କରିବାକୁ ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରେରଣାଦାୟୀ ଉପାଦେୟ ପରାମର୍ଶ ଦେଇଥିଲେ।

## ନୃସିଂହ ବିଜେ ନୀତି

ପବିତ୍ର ଚୈତ୍ରମାସ ଶୁକ୍ଳ ଚତୁର୍ଥୀ ତିଥିରେ **ପୁରୀ** ଶ୍ରୀମନ୍ଦିରରେ ଆଜି ବାଡ଼ି ନୃସିଂହ ବିଜେ ନୀତି ଅନୁଷ୍ଠିତ ହୋଇଛି। ମଧ୍ୟାହ୍ଣ ଧୂପ ନୀତି ପରେ ଦକ୍ଷିଣୀ ଘରୁ ନୃସିଂହ ବିଜେ କରି ଆଜ୍ଞାମାଳ ପ୍ରାପ୍ତ ହୋଇ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ଅଧୀଷ୍ଠିତ ହେବେ। ମହାଜନ ସେବକମାନେ ପ୍ରଭୁ ଶ୍ରୀନୃସିଂହଙ୍କୁ ବିମାନରେ ବିଜେ କରାଇବା ପରେ ବିମାନବଡୁ ସେବକମାନେ ବିମାନକୁ ସିଂହଦ୍ୱାର ଦେଇ ମାର୍କଣ୍ଡ, ଅଙ୍ଗିରା, କଣ୍ଡୁ ଓ ଭୃଗୁ ଆଦି ଚାରି ଆଶ୍ରମ ବିଜେ କରାଇବେ। ଏହି ଚାରି ଆଶ୍ରମରେ  ପୂଜାପଣ୍ଡା ସେବକମାନେ ଶୀତଳ ଭୋଗ କରିବା ପରେ ସହର ପରିକ୍ରମା ସମୟରେ ବିଭିନ୍ନ ମଠ, ଜାଗା, ଆଖଡା ତରଫରୁ ପ୍ରାୟ ୪୨ଟି ସ୍ଥାନରେ ପନ୍ତି ଭୋଗ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଭୁ ଶ୍ରୀ ନୃସିଂହଙ୍କର ସହର ପରିକ୍ରମା ପରେ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିବେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହା ମାନବୀୟ ଲୀଳା ବୋଲି ପୁରାଣରେ ବର୍ଣ୍ଣିତ ଅଛି।

ବାଡି ନୃସିଂହ ନୀତି ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ **ସୌମ୍ୟ ପଣ୍ଡା** ଆକାଶବାଣୀକୁ କହିଛନ୍ତି....

## - V/O –

## ନାମଲେଖା

ଆସନ୍ତା ଶିକ୍ଷାବର୍ଷ-୨୦୨୬-୨୭ ନିମନ୍ତେ ଦୁଇବର୍ଷିଆ ବିଏଡ୍, ଏମ୍ଏଡ୍, ବିଏଚ୍ଏଡ୍ ଆଦି ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ

ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିନିମନ୍ତେ ଆବେଦନ ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ ହେବ। ମଇ ମାସ ୩୧ ତାରିଖରେ ବିଏଡ୍ ଏବଂ ଜୁନ୍ ୩ ତାରିଖରେ ଏମ୍ଏଡ୍ ଓ ବିଏଚ୍ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଇ ୨୭ ତାରିଖରେ ପ୍ରବେଶିକା ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତାକାଲିଠାରୁ ଏପ୍ରିଲ ଛଅ ତାରିଖ ପର୍ଯ୍ୟନ୍ତ ସାମ୍ସ୍ ପୋର୍ଟାଲରେ ଆବେଦନ କରିପାରିବେ।

## ସାଇକେଲ ଶୋଭାଯାତ୍ରା

**ଭଦ୍ରକ** ଜିଲ୍ଲାରେ ଚଳିତବର୍ଷ ଶ୍ରୀରାମନବମୀ ପାଳନ ଉପଲକ୍ଷେ ବିଭିନ୍ନ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜି ଏକ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀଙ୍କ ସହିତ ମନ୍ତ୍ରୀ ଶ୍ରୀ ସୂରଜ ଓ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଜୋରିମାନା

**ଗଞ୍ଜାମ** ଜିଲ୍ଲାରେ ସଡକ  ଦୁର୍ଘଟଣା ଜନିତ ମୃତ୍ୟୁ ହାର କମ୍ କରିବା ନେଇ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଛତ୍ରପୁରସ୍ଥିତ ପରିବହନ କାର୍ଯ୍ୟାଳୟର ସୂଚନା ଅନୁସାରେ, ନିୟମ ଭାଙ୍ଗି ଗାଡି ଚାଳନା କରୁଥିବା ଅଭିଯୋଗରେ ଗତ ଦୁଇବର୍ଷ ମଧ୍ୟରେ ୩ ହଜାର ୮୫୯ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ଏହି ଅବଧି ମଧ୍ୟରେ ପ୍ରାୟ ୨୪

ହଜାର ଗାଡି ଚାଳକଙ୍କଠାରୁ ନିୟମ ଭାଙ୍ଗୁଥିବା ଅଭିଯୋଗରେ ପ୍ରାୟ ୧୫ କୋଟି ୨୫ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି ।

# କଣ୍ଢେଇ ଦିବସ

ବୌଦ୍ଧ ଜିଲ୍ଲା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ କଣ୍ଢେଇ ଦିବସ ପାଳିତ ହୋଇଛି । କଣ୍ଢେଇ ମାଧ୍ୟମରେ ଶିଶୁଙ୍କୁ ଶିକ୍ଷାଦାନ କଲେ ତାହା ଜୀବନ୍ତ ହୋଇଥାଏ ବୋଲି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ଶିକ୍ଷକ ବସନ୍ତ ସାହୁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।

# ସମର୍ପଣ

**ବରଗଡ଼** ପୌରପରିଷଦର ସମୂହ ସଫେଇ ଅଭିଯାନ 'ସମର୍ପଣ'ର ଆଜି ଶୁଭାରମ୍ଭ ହୋଇଯାଇଛି । 'ସମର୍ପଣ ଆମର୍-ବରଗଡ଼ ହେଉ ସଫା ସୁନ୍ଦର' ସ୍ଲୋଗାନ ଦେଇ ଛାତ୍ରଛାତ୍ରୀମାନେ ସ୍ୱଚ୍ଛ ପରିବେଶର ବାର୍ତ୍ତା ଦେଇଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ କହିଛନ୍ତି, ଏହି ଅଭିଯାନ ସାମୂହିକ ଭାଗିଦାରୀତାରେ ଏକ ଜନଆନ୍ଦୋଳନର ରୂପ ନେଇଛି । ଭାରତ ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନର ଦଶମ ସଂସ୍କରଣ କ୍ରମରେ ସମର୍ପଣ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ନିଷ୍ଠା ଏବଂ ଉତ୍ସର୍ଗୀକୃତ ଭାବନା ନେଇ କାର୍ଯ୍ୟକାରୀ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।